# Akashvani, Sambalpur

## SAMBALPURI NEWS EVENING BULLETIN

## 12 September 2024- 7.02 pm- 7.12 pm.

*********************************************

୧- କାର୍ଯ୍ୟରତ ସର୍କାରୀ କର୍ମଚାରୀଙ୍କର୍ ମୃତ୍ୟୁ ହେଲେ ତାଁକର୍ ପରିବାର୍ର ଝିଅଙ୍କୁ ମିଲ୍‌ବା ଚାକିରୀ- ରାଜ୍ୟ କେବିନେଟ୍‌ଥି ନିଆଗଲା ନିଷ୍ପତି ।

- ଅଗ୍ନିବୀରମାନ୍‌କର୍ ଲାଗି ପୁଲିସ୍, ଅଗ୍ନିଶମ, ଜଙ୍ଗଲ୍ ଆଉ ଅବକାରୀ ବିଭାଗ୍ ନ ରହେବା ୧୦ ପ୍ରତିଶତ୍ ସଂରକ୍ଷଣ୍ ।

୨- ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିନ୍ ଭିନ୍ ବିଭାଗ୍‌ଥି ୪ ଶହ ୭୬ ଝନ୍ ଅଧିକାରୀ ଆର୍ କର୍ମଚାରୀଙ୍କୁ ଦେଲେ ନିଯୁକ୍ତି ପତ୍ର ।

୩- ଶ୍ରୀମନ୍ଦିର୍ର ରତ୍ନଭଣ୍ଡାର୍ ନିରୀକ୍ଷଣ୍ କାମ୍ ଆଏବା ୧୮ ତାରିଖ୍ ଦିନ ହେବା ।

ଆଉର୍

୪- ଅବସର ନେଉଥିବା ସର୍କାରୀ କର୍ମଚାରୀମାନ୍‌କର୍ ଫେର୍‌ଘାଏ ନିଯୁକ୍ତି ଲାଗି ରାଜ୍ୟ ସର୍କାର୍ ଜାରି କଲେ ନିର୍ଦ୍ଦେଶାବଳୀ ।

ରାଜ୍ୟ କେବିନେଟ୍ ବୈଠକ୍          ଆର୍ଏନ୍ୟୁ/ କଟକ୍

ରାଜ୍ୟ ସର୍କାର୍ଙ୍କର୍ ଥଇଥାନ୍ ଯୋଜ୍ନାଥି କେନ୍ସି କାର୍ଯ୍ୟରତ ସର୍କାରୀ କର୍ମଚାରୀଙ୍କର୍ ମୃତ୍ୟୁ ହେଲେ, ତାଙ୍କର୍ ପରିବାର୍ର ଝିଅ, ସାବତ ଝିଅ, ବିବାହିତ ଆର୍ ନିର୍ଭରଶୀଳ ଝିଅଙ୍କୁ ଚାକିରୀ ମିଲ୍ବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ହେଇଥିବା ରାଜ୍ୟ କେବିନେଟ୍ ବୈଠକ୍ ନ ଇ ପ୍ରସ୍ତାବ୍ ସହେତେ ୩ ଟା ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍କେ ଅନୁମୋଦନ୍ ମିଲିଛେ । ଆଉ ଗୁଟେ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ୍ ଅନ୍ସାରେ ରାଜ୍ୟ ସର୍କାର୍ ଓଡ଼ିଶା ବେସାମରିକ୍ ନିୟମାବଳୀ-୨୦୨୦ କେ ସଂଶୋଧନ୍ କରିଛନ୍ । ଇଥି ପୁଲିସ୍, ଅଗ୍ନିଶମ, ଜଙ୍ଗଲ, ଅବକାରୀ ବିଭାଗ୍ ନ ଅଗ୍ନିବୀର ମାନ୍କର୍ ଲାଗି ୧୦ ପ୍ରତିଶତ୍ ସ୍ଥାନ ସଂରକ୍ଷିତ ରହେବା । କେବିନେଟ୍ ବୈଠକ୍ ଉତ୍ରୁ ସାମ୍ବାଦିକ୍ମାନ୍କୁ ସୂଚ୍ନା ଦେଇକରି ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା କହିଛନ୍ ଯେ, ଗୋପାଲ୍ପୁର୍ ବନ୍ଦର୍କେ ଆଦାନୀ ଗ୍ରୁପ୍କେ ହସ୍ତାନ୍ତର୍ କର୍ବାର୍ ଲାଗି ବୈଠକ୍ଥି ଅନୁମୋଦନ୍ ମିଲିଛେ । ଆଦାନୀ ଗ୍ରୁପ୍ର ଅଂଶଧନ ୯୫ ପ୍ରତିଶତ୍ ଆଉ ଓଡ଼ିଶା ଷ୍ଟିଭେଡରସ୍ ଲିମିଟେଡ୍ର ୫

ପ୍ରତିଶତ୍ ଅଂଶଧନ ରହେବା ବଲି କେବିନେଟ୍‌ଥି ନିଷ୍ପତି ହେଇଛେ ।

ନିଯୁକ୍ତି ମେଲା- ମୁଖ୍ୟମନ୍ତ୍ରୀ          ସୂଚନା ଲୋକସମ୍ପର୍କ ବିଭାଗ୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍‌ର କନ୍‌ଭେନ୍‌ସନ୍ ସେଂଟର୍ ଠାନେ ଭିନ୍ ଭିନ୍ ବିଭାଗ୍ ନ ୪ ଶହ ୭୬ ଝନ୍ ଅଧିକାରୀ ଆଉ କର୍ମଚାରୀମାନ୍‌କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ନିଯୁକ୍ତି ପତ୍ର ଦେଇଛନ୍ । ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ହେଇଥିବା ଇ ନିଯୁକ୍ତି ମେଲାଥି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଫି' ଲୁକ୍‌କର୍ କର୍ମନିଯୁକ୍ତି ଦିନ୍‌ଟା ସବୁଠାନୁ ଗୁରୁତ୍ୱପୂର୍ଣ୍ଣ ଆଉ ସୁଖଦାୟକ୍ ଆଏ । ସେବା ଖାଲି ଗୁଟେ କର୍ମନିଯୁକ୍ତି ନୁହେଁ, ଇଟା ଗୁଟେ ବଡ଼ ଦାୟିତ୍ୱ ଆଏ । ଗଣତନ୍ତ୍ରଥି ସର୍‌କାର୍ ହେଉଛନ୍ ଲୁକ୍‌କର୍ ଆସ୍ଥା ଆର୍ ବିଶ୍ୱାସ୍‌ର ପ୍ରତୀକ୍ । ଲୁକ୍‌କର୍ ସମସ୍ୟା ଆର୍ ତାର୍ ସମାଧାନ୍, ସର୍‌କାର୍ ଆର୍ ସର୍‌କାରୀ କର୍ମଚାରୀମାନ୍‌କର୍ ଦାୟିତ୍ୱ । ସର୍‌କାର୍‌ଙ୍କର୍ ଜନହିତକାରୀ ଯୋଜ୍‌ନାର୍ ସୁଫଲ୍ ସମାଜ୍‌ର ଶେଷ୍ ଧାଡ଼ିଥି ଥିବାର୍ ଲୁକ୍‌କର୍ ପାଖେ ପହଁଚାବାର୍‌କେ ନିଶ୍ଚିତ୍ କର୍‌ବାର୍ ସର୍‌କାରୀ କର୍ମଚାରୀଙ୍କର୍ ଦାୟିତ୍ୱ ବଲି ମୁଖ୍ୟମନ୍ତ୍ରୀ ଆଏଜ୍ ନୂଆଁକରି ନିଯୁକ୍ତି ପାଇଥିବା ଅଧିକାରୀ ଆଉ କର୍ମଚାରୀମାନ୍‌କୁ କହିଥିଲେ ।

ନିଯୁକ୍ତି ପାଇଥିବା ଅଧିକାରୀ ଆଉ କର୍ମଚାରୀମାନ୍‌କର୍ ଭିତ୍‌ରେ ମତ୍ସ୍ୟ ଆଉ ପ୍ରାଣୀସମ୍ପଦ୍ ବିଭାଗ୍‌ର ୮୨, ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ବିଭାଗ୍‌ର ୩୯, ଉଚ୍ଚଶିକ୍ଷା ବିଭାଗ୍‌ର ୨୪, ସ୍ୱାସ୍ଥ୍ୟ ବିଭାଗ୍‌ର ୨ ଶହ ୩୧, ସୂଚନା ଆଉ ଲୋକସମ୍ପର୍କ ବିଭାଗ୍‌ର ୫, ଯୋଜନା ଆଉ ସଂଯୋଜନ୍ ବିଭାଗ୍‌ର ୬୧, ଅନୁସୂଚିତ ଜନଜାତି ଆଉ ଜାତି ବିଭାଗ୍‌ର ୩୪ ଝନ୍ ରହିଛନ୍ ।

ଶ୍ରୀମନ୍ଦିର୍ ଏଏସ୍‌ଆଇ ପୁରୀ ସମ୍ବାଦଦାତା

ଜାତୀୟ ଭାରତୀୟ ପ୍ରତ୍ନତାତ୍ତ୍ୱିକ୍ ସର୍ବେକ୍ଷଣ୍ ସଂସ୍ଥା-ଏଏସ୍‌ଆଇ ତର୍‌ଫୁ ଆଏବା ୧୮ ତାରିଖ୍ ଦିନ ଶ୍ରୀମନ୍ଦିର୍ ରତ୍ନଭଣ୍ଡାର୍‌ର ପ୍ରାରମ୍ଭିକ୍ ନିରୀକ୍ଷଣ୍ କରାଯିବା । ରାଜ୍ୟ ସର୍‌କାର୍‌ଙ୍କର୍ ଅନୁମୋଦନ୍ ଉତ୍‌ରୁ ଇ ପ୍ରାରମ୍ଭିକ ନିରୀକ୍ଷଣ ଆଉ ବୈଷୟିକ ଯାଂଚ୍ କରାଯିବାର୍ ଲାଗି ଥିର୍ କରାଯାଇଛେ । ଇଥିର୍‌ଲାଗି ଶ୍ରୀମନ୍ଦିର୍‌ର ମୁଖ୍ୟ ପ୍ରଶାସକ ଡକ୍ଟର୍ ଅରବିନ୍ଦ ପାଢ଼ୀ ସବୁ ତୟାରିର୍ ସମୀକ୍ଷା କର୍‌ବାର୍ ସହେତେ ଦର୍‌କାରୀ ପଦକ୍ଷେପ୍ ନେବାର୍‌କେ ନିର୍ଦ୍ଦେଶ୍ ଦେଇଛନ୍ ।

ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟ ସର୍କାର୍ଙ୍କର୍ ଏସ୍ଓପି ଅନ୍ସାରେ ବାହାର ଆଉ ଭିତର ରତ୍ନଭଣ୍ଡାର୍ନୁ ସବୁ ଅଲଙ୍କାର୍କେ ଅସ୍ଥାୟୀ ଷ୍ଟ୍ରଙ୍ଗ୍ରୁମ୍କେ ସ୍ଥାନାନ୍ତରଣ୍ କରାଯାଇଛେ । ହେନ୍ତା ଖାଲି ଆଲ୍ମିରା ଆଉ ସିନ୍ଦୁକ ମାନ୍କୁ ଭିଲ୍ ଅଲ୍ଗା ଜାଗାକେ ନିଆଯାଇଥିବାର୍ ଜନାପଡ଼ିଛେ । ପୂର୍ଣ୍ଣାଙ୍ଗ, ଅତ୍ୟାଧୁନିକ୍ ଆଉ ବୈଷୟିକ ଯାଂଚ୍ ଉତ୍ରୁ ଏଏସ୍ଆଇ ରତ୍ନଭଣ୍ଡାର୍ର ସଂରକ୍ଷଣ୍ ଆଉ ମରାମତି କାମ୍ ଜଲ୍ଦି ସାର୍ବାର୍କେ ଶ୍ରୀମନ୍ଦିର୍ ମୁଖ୍ୟ ପ୍ରଶାସକ୍ ଅନୁରୋଧ୍ କରିଛନ୍ ।

## ମତ୍ସ୍ୟ, ପଶୁପାଲନ୍ ଆଉ ଡେୟିରୀ ବିଭାଗ ବୈଠକ୍

ସୂଚନା ଲୋକସମ୍ପର୍କ ବିଭାଗ୍

ଭୁବ୍ନେଶ୍ୱର୍ ଲୋକ୍ସେବା ଭବନ୍ର କନ୍ଭେନ୍ସନ୍ ହଲ୍ ନ ମତ୍ସ୍ୟ, ପଶୁପାଲନ୍ ଆଉ ଡେୟିରୀ ବିଭାଗ୍ର ମୌସୁମୀ ବୈଠକ୍ ଆଏବାକାଏଲ୍ ହେବା । ଇଥି କେନ୍ଦ୍ର ମତ୍ସ୍ୟ, ପଶୁପାଲନ୍ ଆଉ ଦୁଗ୍ଧ ମନ୍ତ୍ରୀ ରାଜୀବ୍ ରଞ୍ଜନ୍ ସିଂ ଯୋଗ୍ ଦେବେ । ବୈଠକ୍ଥି ମୁଖ୍ୟଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଉ ସ୍ୱତନ୍ତ୍ର ଅତିଥି ଭାବେ

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ତୃଣମୂଳସ୍ତର୍ ନ ବିଭାଗ୍ ତର୍ଫୁ ହେଉଥିବା କାର୍ଯ୍ୟକ୍ରମ୍, ଭିନ୍ ଭିନ୍ ଯୋଜ୍ନାର ଅଗ୍ରଗତିର ସମୀକ୍ଷା ଇ ମୌସୁମୀ ବୈଠକ୍ର ଉଦ୍ଦେଶ୍ ଆଏ ।

ଡେଙ୍ଗୁ/ ସ୍କ୍ରବ୍ଟାଇଫସ୍- ଜନସ୍ୱାସ୍ଥ୍ୟ ବିଭାଗ୍ ଆର୍ଏନ୍ୟୁ/ କଟକ୍

ରାଏଜେ ଇହାଦେତକ୍ ୫ ହଜାର୍ ଶହେ ୩୦ ଝନ୍ ଡେଙ୍ଗୁ ରୋଗୀ ଚିହ୍ନଟ୍ ହେଇଛନ୍ ବଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର୍ ନୀଲକଣ୍ଠ ମିଶ୍ର କହିଛନ୍ । ହେଲେ ଡେଙ୍ଗୁଥି ଇହାଦେତକ୍ କାହାରିର୍ ମୃତ୍ୟୁ ହେଇଥିବାର୍ ଖବର୍ ହସ୍ତଗତ୍ ନାଇଁ ହେଇ ବଲି ସେ ଫଟିକ୍ କରିଛନ୍ । ସ୍କବ୍ଟାଇଫସ୍ଥି ବର୍ଗଡ଼୍ ଜିଲ୍ଲା ନ ୪ ଝନ୍କର୍ ମୃତ୍ୟୁ ହେଇଥିବାର୍ ବାବ୍ଦେ କେନ୍ସି ସ୍ୱଷ୍ଟ ସୂଚ୍ନା ନାଇଁ ମିଲି । ଅଭିଯୋଗ୍ ଆସିଥିବାର୍ ଅଂଚଲ୍ନୁ ଇ ବାବ୍ଦେ ପରୀକ୍ଷା ଉତ୍ରୁ ସ୍ୱଷ୍ଟ ସୂଚ୍ନା ଜନାପଡ଼୍ବା ବଲି ଡାକ୍ତର୍ ମିଶ୍ର କହିଛନ୍ ।

ପୁନଃନିଯୁକ୍ତି ନିର୍ଦ୍ଦେଶାବଲୀ ଭୁବନେଶ୍ୱର୍ ସମ୍ବାଦଦାତା

ଚାକିରୀ ସର୍‌ବାର୍ ଉତ୍‌ରୁ ଅବସର ନେଉଥିବା ସର୍‌କାରୀ କର୍ମଚାରୀମାନ୍‌କର୍ ଫେର୍‌ଘାଏ ନିଯୁକ୍ତିର୍ ଲାଗି ରାଜ୍ୟ ସର୍‌କାର୍ ଗୁଟେ ବିସ୍ତୃତ୍ ନିର୍ଦ୍ଦେଶାବଲୀ ଆନିଛନ୍ । ଯେନ୍ କର୍ମଚାରୀମାନ୍‌କର୍ ବୟସ୍ ୬୫ ବଛର୍‌ନୁ କମ୍ ଆଉ ଭଲ୍ ସର୍ଭିସ୍ ରେକର୍ଡ଼ ସହେତେ ଶାରିରୀକ୍ ଭାବେ ଫିଟ୍ ଥିବେ ସେମାନ୍‌କୁ ନିଯୁକ୍ତି ମିଲ୍‌ବା । ଇ ବାବ୍‌ଦେ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସଂକଳ୍ପ ପତ୍ର ବାହାର୍ କରାଯାଇଛେ । ଫେର୍‌ଘାଏ ନିଯୁକ୍ତି ପାଏବାର୍‌କେ ହେଲେ ଅବସରପ୍ରାପ୍ତ ଅଧିକାରୀଙ୍କର୍ ଯୋଗ୍ୟତା ସର୍ତାବଲୀ ସହେତେ ଚୟନ ପ୍ରକ୍ରିୟା ଆଧାର୍ ବାବ୍‌ଦେ ନିର୍ଦ୍ଦେଶାବଲୀଥି ଉଲ୍ଲେଖ କରାଯାଇଛେ । ପୁନଃ ନିଯୁକ୍ତି ବାବ୍‌ଦର୍ ନିଷ୍ପତି ନେବାର୍ ଲାଗି ମୁଖ୍ୟ ଶାସନ୍ ସଚିବଙ୍କର୍ ଅଧକ୍ଷତା ନ ଗୁଟେ କମିଟି ଗଠନ୍ କରାଯିବା ।

ଓଡ଼ିଶା ସିଭିଲ୍ ସର୍ଭିସ୍ ପ୍ରିଲିମ୍‌ନାରୀ ପରୀକ୍ଷା

ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଲୋକ୍‌ସେବା ଆୟୋଗ୍- ଓପିଏସ୍‌ସି ତର୍‌ଫୁ ଆଏବା ଅକ୍ଟୋବର୍ ୨୭ ତାରିଖ୍ ଦିନ ଓଡ଼ିଶା ସିଭିଲ୍ ସର୍ଭିସ୍

ପ୍ରିଲିମ୍‌ନାରୀ ପରୀକ୍ଷା ହେବା । ଇଥିର୍‌ଲାଗି ଆୟୋଗ୍ ତରଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ । ପରୀକ୍ଷାର୍ କାର୍ଯ୍ୟସୂଚୀ ଆଏବା ଦିନେ ବାହାର୍‌ବା ବଲି ଆୟୋଗ୍ ତରଫୁ କୁହାଯାଇଛେ ।

ସ୍ୱଚ୍ଛତା ହିଁ ସେବା ଆର୍‌ଏନ୍‌ୟୁ/ କଟକ୍/ସୁବର୍ଣ୍ଣପୁର୍

ସ୍ୱଚ୍ଛ ଭାରତ୍ ଅଭିଯାନ୍‌ର ୧୦ ବଛର୍ ପୂର୍ତି ପାଲନ୍ ଅବ୍‌ସରେ ଆଏବା ୧୭ ତାରିଖ୍ ନୁ ଅକ୍ଟୋବର୍ ୧ ତାରିଖ୍‌ତକ୍ ସ୍ୱଚ୍ଛତା ହିଁ ସେବା ଅଭିଯାନ୍ ଅନୁଷ୍ଠିତ୍ ହେବା । ଅକ୍ଟୋବର୍ ୨ ତାରିଖ୍ ଦିନ ସ୍ୱଚ୍ଛତା ଦିବସ୍ ପାଲନ୍ କରାଯିବା । ଇତାକେ ସଫଲ୍ କର୍‌ବାର୍ ଲାଗି ତୟାରି ମୁଲ୍ ହେଇଛେ । ପଂଚାୟତ୍‌ରାଜ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍‌ର ସାହାଜିଥି ସ୍ୱଚ୍ଛତା ଅଭିଯାନ୍ ମୁଲ୍ ହେବା ।

ସ୍ୱଚ୍ଛ ଭାରତ୍ ମିଶନ୍‌ର ଇ କାର୍ଯ୍ୟକ୍ରମ୍ ପାଲନ୍ ଲାଗି ସୁବର୍ଣ୍ଣପୁର୍ ଜିଲ୍ଲା ପ୍ରଶାସନ୍ ତରଫୁ ଜିଲ୍ଲାପାଲ୍ ଅନ୍ୟା ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ଗୁଟେ ବୈଠକ୍ କରାଯାଇଥିଲା । ଇଥି ବିଶାଲ୍ ସ୍ୱଚ୍ଛତା ଅଭିଯାନ୍, ପରିମଳ କର୍ମଚାରୀଙ୍କର୍ ଅବଦାନ୍‌କେ ଚିହ୍ନବାର୍ ଆଉ ସ୍ଥାୟୀ ବର୍ଜ୍ୟବସ୍ତୁ ପରିଚାଳନା

ଦିଗେ ହାସଲ୍ କରାଯାଇଥିବାର୍ ସଫଲତାକେ ପାଳନ୍ କର୍‌ବାର୍ ଉପ୍‌ରେ ଜିଲ୍ଲାପାଲ୍ ଜୋର୍ ଦେଇଥିଲେ ।

ଖରିଫ୍ ଋଣ ଆର୍‌ଏନ୍‌ୟୁ/ ସମ୍ବଲପୁର୍

ସମ୍ବଲ୍‌ପୁର୍ ଜିଲ୍ଲା ନ ଚଲ୍‌ତି ଖରିଫ୍ ଋତୁଥି ସମବାୟ ସମିତି ଜରିଏ ଚାଷୀମାନ୍‌କୁ ୩ ଶହ ୨୦ କୋଟି ଟଙ୍କାର୍ ଋଣ ଦିଆଯିବା । ଇହାଦେତକ୍ ୨୭ ହଜାର୍ ୬ ଶହ ୫୨ ଝନ୍ ଚାଷୀଙ୍କୁ ପାଖାପାଖି ୨ ଶହ ୪୫ କୋଟି ଟଙ୍କାର୍ ଫସଲ୍ ଋଣ ଦିଆଯାଇଥିବାର୍ ଜନାପଡ଼ିଛେ । ଜିଲ୍ଲା ନ ୩୨ ଟା ନୂଆଁ ପେକ୍ସକେ ମିଶେଇକରି ଶହେ ୧୨ ଟା ପ୍ରାଥମିକ କୃଷି ସେବା ସମବାୟ ସମିତି ରହିଛେ । ସେଆଡ଼େ ଖରିଫ୍ ଫସଲ୍‌ର ଧାନ୍ ବିକ୍‌ବାର୍ ଲାଗି ଜିଲ୍ଲାର୍ ୫୯ ହଜାର୍ ୮ ଶହ ୯୫ ଝନ୍ ଚାଷୀ ସମବାୟ ସମିତି ଆଉ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଏ ନିଜର୍ ନିଜର୍ ନାଁ ରେଜିଷ୍ଟ୍ରେସନ୍ କରେଇଛନ୍ ।

ସଂସ୍କୃତ ଦିବସ୍ - ସମ୍ବଲ୍‌ପୁର୍ ଆର୍‌ଏନ୍‌ୟୁ/ ସମ୍ବଲପୁର୍

ସମ୍ବଲ୍‌ପୁର୍ ସାଂସ୍କୃତିକ୍ ସମାଜ୍ ଭବନ୍ ଠାନେ ଆଏଜ୍ ଜିଲ୍ଲାସ୍ତରୀୟ ସଂସ୍କୃତ୍ ଦିବସ୍ ପାଲନ୍ କରାଯାଇଛେ । ଇଥି ପୁରୀ ଶ୍ରୀଜଗନ୍ନାଥ୍ ସଂସ୍କୃତ ବିଶ୍ୱବିଦ୍ୟାଳୟର ସହାଚାର୍ଯ୍ୟ ପ୍ରିୟବ୍ରତ ମିଶ୍ର ସଂସ୍କୃତ୍ ଭାଷା ଖାଲି ଗୁଟେ ଭାଷା ନୁହେଁ, ସବୁ ଭାଷା ମାନ୍‌କର୍ ଜନନୀ ବଲି କହିଥିଲେ । ଗବେଷକ ଶ୍ରୀନିବାସ୍ ପାଠୀ, ଅକ୍ଷୟ କୁମାର୍ ଦାସ, ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଲ୍ ଇଥି ଉଦ୍‌ବୋଧନ୍ ଦେଇଥିଲେ । ସଭା ନ ସଂସ୍କୃତ୍ ବିଷୟଥି ଶହେ ନୁ ଶହେ ମାର୍କ ରଖିଥିବା ଛାତ୍ରଛାତ୍ରୀମାନ୍‌କୁ ପୁରସ୍କାର୍ ଦିଆଯାଇଥିଲା ।

କୃଷିବିଜ୍ଞାନ୍ କେନ୍ଦ୍ର- ସୁବର୍ଣ୍ଣପୁର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

କେନ୍ଦ୍ର ସର୍‌କାର୍‌ଙ୍କର୍ ଅନୁସୂଚିତ ଜାତି - ଉପଯୋଜନାଥି ବତକ୍ ଉପଯୋଗୀ ରାତ୍ରୀକାଳୀନ ଆବାସ ଘରା ବିତରଣ୍ କାର୍ଯ୍ୟକ୍ରମ୍ ସୁବର୍ଣ୍ଣପୁର୍ ଜିଲ୍ଲା କୃଷିବିଜ୍ଞାନ୍ କେନ୍ଦ୍ର ଠାନେ ହେଇଯାଇଛେ । ଇଥି ଆଇସିଏଆର୍‌ର ବୈଜ୍ଞାନିକ୍ ବିଜୟ କୁମାର୍ ସ୍ୱାଇଁ ଆଉ ସୂର୍ଯ୍ୟକାନ୍ତ ମିଶ୍ର ବତକ, କୁକୁଡ଼ା, ଗୁଣ୍ଡୁରି ପକ୍ଷୀ ମାନ୍‌କର୍ ଲାଲନ୍‌ପାଲନ୍ ଉପ୍‌ରେ

ଆଲୋଚନା କରିଥିଲେ । ଇନ ଶହେ ୫୦ ଝନ୍ ଚାଷୀଙ୍କୁ ବତକ ଆବାସ ଦିଆଯାଇଥିଲା ।

ଜନଗଣନା ସମୀକ୍ଷା ବୌଦ୍ଧ ସମ୍ବାଦଦାତା

ଆଏବା ଜନଗଣନାର୍ ଲାଗି ବୌଦ୍ଧ ଜିଲ୍ଲାପାଲ୍ଙ୍କର୍ ସମ୍ମିଳନୀ କକ୍ଷ ଠାନେ ଆଏଜ୍ ଗୁଟେ ବୈଠକ୍ ହେଇଯାଇଛେ । ବୈଠକ୍ଥି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା- ଜିଲ୍ଲାର୍ ସବୁ ଅଧିକାରୀମାନେ ଜନଗଣନା ବାବ୍ଦର୍ ତଥ୍ୟ ତିଆର୍ କର୍ବାର୍ ଲାଗି ପରାମର୍ଶ ଦେଇଥିଲେ ।

ରାଷ୍ଟ୍ରୀୟ ଲୋକ୍ଅଦାଲତ୍-ବୌଦ୍ଧ ବୌଦ୍ଧ ସମ୍ବାଦଦାତା

ଆଏବା ୧୪ ତାରିଖ୍ ଦିନ ବୌଦ୍ଧ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ତର୍ଫୁ ଜିଲ୍ଲାର୍ ସବୁ ବିଚାର୍ ବିଭାଗୀୟ ଅଦାଲତ୍ ମାନ୍କେ ରାଷ୍ଟ୍ରୀୟ ଲୋକ୍ଅଦାଲତ୍ ଅନୁଷ୍ଠିତ ହେବା । ଇ ଲୋକ୍ଅଦାଲତ୍ଥି ସବୁ ପ୍ରକାରର୍ ବିଚାର୍ଧୀନ୍ ମାମ୍ଲା ସହେତେ ମୋଟର୍ ଯାନ ଦୁର୍ଘଟଣା ଜନିତ କ୍ଷତିପୂରଣ୍ ବେଙ୍କ୍ ଋଣ, ଚେକ୍ ବାଉନ୍ସ ମାମ୍ଲାର୍

ସମାଧାନ୍ କରାଯିବା ବଲି ଜିଲ୍ଲା ଆଇନ୍ ସଚେତନତା କର୍ମୀମାନେ ଲୁକ୍‌କୁ ସଚେତନ୍ କରୁଛନ୍ ।

ଛତର୍ ଯାତ୍ରା- ପ୍ରସ୍ତୁତି ବୈଠକ୍ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ନ ଆଏବା ମାସର୍ ୧୧ ତାରିଖ୍ ଦିନ ହେବାର୍‌କେ ଥିବାର୍ ମା ମାଣିକେଶ୍ୱରୀଙ୍କର୍ ଛତର୍ ଯାତ୍ରା ବାବ୍‌ଦେ ଆଏଜ୍ କଲାହାଣ୍ଡି ଜିଲ୍ଲାପାଲ୍‌ଙ୍କର୍ ସମ୍ମିଲନୀ କକ୍ଷ ଠାନେ ଗୁଟେ ତୟାରି ବୈଠକ୍ ହେଇଯାଇଛେ । ଇଥି ସାଂସଦ୍ ମାଳବିକା ଦେବୀ, ଜିଲ୍ଲାପାଲ୍ ସଚିନ୍ ପାୱାର୍ ପ୍ରକାଶ୍ ଆଉ ଭିନ୍ ଭିନ୍ ବିଭାଗ୍‌ର ଅଧିକାରୀ ମାନେ ଉପସ୍ଥିତ୍ ଥିଲେ ।

ସୁଭଦ୍ରା ଯୋଜ୍‌ନା ରଥ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲାର୍ ଖଡ଼ିଆଲ୍ ବ୍ଲକ୍ ନ ଲୁକ୍‌କର୍ ଭିତ୍‌ରେ ସଚେତନ୍‌ତା ସୃଷ୍ଟି କର୍‌ବାର୍ ଲାଗି ବାହାରିଥିବା ସୁଭଦ୍ରା ରଥକେ ସ୍ୱାଗତ୍ କରାଯାଇଛେ । ବ୍ଲକ୍‌ର ଦୁଆଲ୍‌ଝର୍‌ଠାନେ ଗୁଟେ ସଭାଥି ସୁଭଦ୍ରା ଯୋଜ୍‌ନାର୍ ସୁବିଧା ନେବାର୍‌କେ

ମହିଳାମାନ୍‌କୁ ଆହ୍ୱାନ୍ ଦିଆଯାଇଥିଲା । ଇ ଯୋଜ୍‌ନାଥି ଗୁଟେ ବି ଯୋଗ୍ୟ ମହିଳାଙ୍କୁ ବାଦ୍ ନାଇଁ ଦିଆଯାଏ ବଲି ଅଙ୍ଗନବାଡ଼ି କର୍ମୀମାନେ ସଂକଳ୍ପ ନେଇଥିଲେ ।

ହୀରାକୁଦ୍ ଜଲ୍‌ଭଣ୍ଡାର୍          ଆର୍‌ଏନ୍‌ୟୁ/ ସମ୍ବଲପୁର

ମହାନଦୀର୍ ଉପର୍‌ମୁଣ୍ଡେ ଜବର୍ ବର୍ଷା ହେବାର୍‌ନୁ ହୀରାକୁଦ୍ ଡେମ୍ ନୁ ଆଏଜ୍ ସଞ୍ଜ୍‌ବେଲର୍ ୬ ବଜେ ୧୨ ଟା ସ୍ଲୁଇସ୍ ଗେଟ୍ ଦେଇକରି ହାରାହାରି ୨ ଲାଖ୍ ୩୭ ହଜାର୍ ୨ ଶହ ୬୯ କ୍ୟୁସେକ୍ ପାଏନ୍ ଛଡ଼ାଯାଉଛେ । ଇ ସମିଆଥି ଡେମ୍ ଭିତର୍‌କେ ୩ ଲାଖ୍ ୩୨ ହଜାର୍ ୫ ଶହ ୬୫ କ୍ୟୁସେକ୍ ପାଏନ୍ ଆସୁଛେ । ଡେମ୍‌ର ଜଲ୍‌ସ୍ତର୍ ୬ ଶହ ୨୮ ଦଶ୍‌ମିକ୍ ଶୂନ୍/୮ ଫୁଟ୍ ରହିଥିବାର୍ ନିୟନ୍ତ୍ରଣ କକ୍ଷ ସୂତ୍ର୍‌ନୁ ଜନାପଡ଼ିଛେ ।

ପାଣିପାଗ      ଆର୍‌ଏନ୍‌ୟୁ/ସମ୍ବଲପୁର

ମିଆଁମାର୍‌ର ମଝାମଝି ସୃଷ୍ଟି ହେଇଥିବା ଘୂର୍ଣ୍ଣିବଲୟର୍ ବଲେ ଚଲ୍‌ତି ହପ୍ତାର୍ ଶେଷ୍‌ତକ୍ ରାଏଜେ ବର୍ଷା ଜାରି ରହେବା ।

ଆଏବା କାଏଲ୍ ସୁନ୍ଦରଗଡ଼୍, ବର୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ କଲାହାଣ୍ଡି ସହେତେ ରାଜ୍ୟର୍ ୨୦ ଟା ଜିଲ୍ଲା ନ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ ।